**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**30 December – 2025**

---

# ନିଯୁକ୍ତିପତ୍ର ବଣ୍ଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୧ ହଜାର ୫୪୩ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଭୁବନେଶ୍ୱର ରେଳ ଅଡିଟୋରିଆମ୍‌ଠାରେ ନିଯୁକ୍ତି ମେଳାରେ ଶ୍ରୀ ମାଝୀ ୧୧ଟି ବିଭାଗ ପାଇଁ ମନୋନୀତ ହୋଇଥିବା ଏହି ପ୍ରାର୍ଥୀମାନଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ।

---

# କ୍ଷେପଣାସ୍ତ୍ର

ଚାନ୍ଦିପୁର ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ ଘାଟିରୁ ଦୂରଗାମୀ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର 'ପିନାକ'ର ପ୍ରଥମ ଫ୍ଲାଇଟ୍ ଟେଷ୍ଟ୍ ସଫଳତାର ସହ ଗତକାଲି ସଂପନ୍ନ ହୋଇଛି । କ୍ଷେପଣାସ୍ତ୍ର ୧୨୦ କିଲୋମିଟର ପର୍ଯ୍ୟନ୍ତ ସଫଳତାର ସହ ଲକ୍ଷ୍ୟ ଭେଦ କରିପାରିଛି । ଏହି ସଫଳତା ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ' ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ-ଡିଆରଡିଓ ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

---

# ବୈଠକ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ପହିଲିଭୋଗ ନୀତିଠାରୁ ୩ ତାରିଖ ପୌଷ ପୂର୍ଣ୍ଣିମା ଦେବାଭିଷେକ ପର୍ଯ୍ୟନ୍ତ ଠାକୁରଙ୍କ ନୀତିକାନ୍ତିକୁ ଶୃଙ୍ଖଳିତ ତଥା ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟନେଇ ଏକ

ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦ୍ୱାରଫିଟା ନୀତିଠାରୁ ଆରମ୍ଭ କରି ଠାକୁରଙ୍କର ଅନ୍ୟାନ୍ୟ ନୀତିକାନ୍ତି ନେଇ ବିସ୍ତୃତ ଆଲୋଚନା ହୋଇଛି । ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା ସଂପର୍କରେ ମଧ୍ୟ ବୈଠକରେ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

**V/O**

---

# ଶାମ୍ବ ଦଶମୀ

ପୌଷମାସ ଶୁକ୍ଳପକ୍ଷ ଦଶମୀ ତିଥି ଅବସରରେ ଆଜି ଶାମ୍ବ ଦଶମୀ ପାଳନ କରାଯାଉଛି । ସକଳ ଶକ୍ତିର ଆଧାର ପ୍ରଭୁ ସୂର୍ଯ୍ୟଙ୍କର ଭକ୍ତି ଓ ନିଷ୍ଠାର ସହ ପୂଜା କରାଯାଉଛି । ଏହି ତିଥିରେ ଚନ୍ଦ୍ରଭାଗାରେ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ବୁଡ଼ ପକାଇ ଶାପମୁକ୍ତ ହୋଇଥିବାର କିମ୍ବଦନ୍ତୀ ରହିଛି । ଏହି ଅବସରରେ ଚନ୍ଦ୍ରଭାଗାରେ ସୂର୍ଯ୍ୟପୂଜା ଓ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି ।

---

# ବରଗଡ ଧନୁଯାତ୍ରା

**ବରଗଡ଼**ର ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ଷଷ୍ଠ ଦିବସରେ ଗତକାଲି ଗୋପପୁରରେ ଗୋପୀଙ୍କ ଦଧିବିକା ଓ ବସ୍ତ୍ରହରଣ କାର୍ଯ୍ୟକ୍ରମ ପରିବେଷିତ ହୋଇଛି । ଏହାସହ ମଥୁରା ନଗରୀରେ ରଙ୍ଗସଭା, ଆସନ୍ନ ଯୁଦ୍ଧ ପ୍ରସ୍ତୁତି ପାଇଁ ରାଜନ୍ୟ ବର୍ଗଙ୍କ ସହ ଆଲୋଚନା, ପ୍ରଶାସନିକ ଅଧିକାରୀଙ୍କ ସହ ଜନତା ଦରବାର ଶଙ୍ଖଚୂଡ଼ଙ୍କୁ ଗୋପପୁର ପ୍ରେରଣ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମହାରାଜା କଂସଙ୍କ ରାଜଦରବାରର ରାଜଅତିଥିଭାବେ ଉପସ୍ଥିତ ରହିବେ ବୋଲି କାର୍ଯ୍ୟସୂଚୀ ରହିଛି ।

ଧନୁଯାତ୍ରା ଉପଲକ୍ଷେ ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି ।

## ଜୟନ୍ତୀ

ମହାନ ବିପ୍ଲବୀ ଚକରା ବିଷୋୟୀଙ୍କ ୨୦୩ତମ ଜୟନ୍ତୀ ଆଜି ରାଜ୍ୟବ୍ୟାପୀ ପାଳନ କରାଯାଉଛି । ବିଧାନସଭା ପରିସରରେ ଥିବା ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ପୂର୍ବାହ୍ନରେ ବାଚସ୍ପତି ସୁରମା ପାଢ଼ୀ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୁଷ୍ପମାଲ୍ୟ ଅର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ।ଏହି ଅବସରରେ ଭଞ୍ଜନଗରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

---

## ରଥକାଠ

ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଜି ନୟାଗଡ଼ଠାରେ ରଥକାଠ ଚିହ୍ନଟ କରାଯିବ । ଗଣିଆ ବ୍ଲକର ବଡ଼ମୂଳ ଗ୍ରାମସ୍ଥିତ ମା' ବଡ଼ରାଉଳଙ୍କ ପୀଠରେ ଏଥିପାଇଁ ପ୍ରଥମେ ପୂଜାର୍ଚ୍ଚନା କରାଯିବ । ଏହାପରେ ପରମ୍ପରା ଅନୁଯାୟୀ ରଥକାଠ ଚିହ୍ନଟ କାର୍ଯ୍ୟ ସଂପନ୍ନ ହେବ । ଏଥିପାଇଁ ପୁରୀ ଶ୍ରୀମନ୍ଦିରର ଏକ ପ୍ରତିନିଧି ମଣ୍ଡଳି ମହାପ୍ରଭୁଙ୍କ ଆଜ୍ଞାମାଳ ସହ ଗତ ରାତିରେ ନୟାଗଡ଼ରେ ପହଞ୍ଚିଛନ୍ତି । ଚଳିତବର୍ଷ ରଥ ନିର୍ମାଣ ପାଇଁ ୮୧୮

ଖଣ୍ଡ ଅସନ, ଧଉରା, ଫାସୀ ଏବଂ ଶିମିଳି କାଠର ଆବଶ୍ୟକତା ରହିଥିବା ଜଣାପଡ଼ିଛି ।

## ବୁଢ଼ାଦେଓ ଗାଦିଯାତ୍ରା

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରାଜଦାବ୍ରି ଠାରେ ବୁଢ଼ାଦେଓ ଗାଦିଯାତ୍ରା ଅନୁଷ୍ଠିତ ହେଉଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ୩ ଦିନିଆ ଯାତ୍ରାରେ ଆଖପାଖ ଅଞ୍ଚଳର ବହୁ ଆଦିବାସୀ ସଂପ୍ରଦାୟର ଲୋକ ଯୋଗ ଦେଇଛନ୍ତି ।

## ପ୍ରସ୍ତୁତି ବୈଠକ

ଭଦ୍ରକ ଜିଲ୍ଲାରେ ୭୭ତମ ଗଣତନ୍ତ୍ର ଦିବସ ସମାରୋହ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ସଂସ୍କୃତି ଭବନଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇ ସମାରୋହକୁ ସୁବ୍ୟବସ୍ଥିତ ଭାବେ ପାଳନ ନେଇ ଆଲୋଚନା କରିଛନ୍ତି ।

## ଧାନମଣ୍ଡି

ନୟାଗଡ଼ ଜିଲ୍ଲାରେ ଚଳିତଥର ପ୍ରଥମ ପର୍ଯ୍ୟାୟରେ ୧୭୪ଟି ମଣ୍ଡି ମାଧ୍ୟମରେ ୧୦ଲକ୍ଷ ୧୬ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି । ନୟାଗଡ଼ ସହର ବାହାଡ଼ାଝୋଲା ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ପ୍ରଥମ ଧାନମଣ୍ଡି ଗତକାଲି

ଉଦ୍‌ଘାଟନ କରି ବାଚସ୍ପତି ସୁରମା ପାଢ଼ୀ ଏହା କହିଛନ୍ତି । ଜିଲ୍ଲାର ମୋଟ ୫୨ ହଜାର ୯୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ।

## ସୁଇମିଂପୁଲ୍

ଭୁବନେଶ୍ୱର ତମାଣ୍ଡୋସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଗତକାଲି ଏକ ଅତ୍ୟାଧୁନିକ ଇନ୍‌ଡୋର ସୁଇମିଂପୁଲ୍ ଉଦ୍‌ଘାଟିତ ହୋଇଛି । କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ନୂତନ ୨୫ ମିଟର ଦୀଘ ସୁଇମିଂପୁଲ୍‌କୁ ଲୋକାର୍ପଣ କରିଛନ୍ତି । ଆଗାମୀ ଦିନରେ ୧୩ଟି ଜିଲ୍ଲାରେ ସୁଇମିଂପୁଲ୍ ନିର୍ମାଣ କରାଯିବାକୁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ୧୧ କୋଟି ୬୯ ଲକ୍ଷ ଟଙ୍କା ବ୍ୟୟରେ ଏହି ସୁଇମିଂପୁଲ୍ ନିର୍ମାଣ କରାଯାଇଛି ।

## ପାଣିପାଗ

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହ ଶୀତ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି । ଗତ ୨୪ ଘଣ୍ଟା ମଧ୍ୟରେ ୧୦ଟି ଜିଲ୍ଲାର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ଥିବା ରେକର୍ଡ କରାଯାଇଛି । ଘନ କୁହୁଡ଼ି ସମ୍ଭାବନା ନେଇ ଦକ୍ଷିଣ ଓ ଉପକୂଳ ଓଡ଼ିଶାର କେତେକ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରାଯାଇଛି ।